# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 16 December – 2025

*********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ପୂର୍ବ ଭାରତର ପ୍ରମୁଖ ଫାର୍ମା କେନ୍ଦ୍ର ଭାବେ ନୂତନ ଶିଖର ଛୁଇଁବ; କହିଲେ ମୁଖ୍ୟମନ୍ତ୍ରୀ

– ଫାର୍ମା ସମ୍ମିଳନୀରେ ୬ ହଜାର ୨୬୩ କୋଟି ଟଙ୍କାର ୪୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ

- ମାଓବାଦୀ ମୁକାବିଲା ପାଇଁ ପ୍ରଭାବିତ ରାଜ୍ୟଗୁଡ଼ିକୁ ୩ ହଜାର ୫୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି ସରକାର; କହିଲେ କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ

- ଇଂରାଜୀ ନବବର୍ଷ ଉପଲକ୍ଷେ ପୁରୀରେ ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷା ନେଇ ପୁଲିସ ପ୍ରଶାସନର ପଦକ୍ଷେପ

ଏବଂ

- ବିଜୟ ଦିବସରେ ଆଜି ରାଷ୍ଟ୍ରପତି ଭବନରେ ଉଦ୍‌ଘାଟିତ ହେଲା 'ପରମବୀର ଦିର୍ଘା'

BBSR/R

## ଫାର୍ମା ସମ୍ମିଳନୀ-୨୦୨୫

ଆଗାମୀ କିଛି ବର୍ଷ ମଧ୍ୟରେ ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ଫାର୍ମା କେନ୍ଦ୍ର ଭାବେ ନୂତନ ଶିଖର ଛୁଇଁବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରଠାରେ ଆୟୋଜିତ ଫାର୍ମା ସମ୍ମିଳନୀ-୨୦୨୫କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ଫାର୍ମା ନୀତି ଦେଶର ସର୍ବୋତ୍ତମ ନୀତି ମଧ୍ୟରୁ ଅନ୍ୟତମ। ନୂଆ ଫାର୍ମା ନୀତିରେ ଗବେଷଣା, ପୁଞ୍ଜିନିବେଶ, ଭିତ୍ତିଭୂମି ନିର୍ମାଣ, ନିଯୁକ୍ତି ଆଦି ପ୍ରତ୍ୟେକ ଅଂଶକୁ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶାକୁ ନିବେଶକମାନଙ୍କର ପ୍ରଥମ ପସନ୍ଦର ରାଜ୍ୟ କରିବାକୁ ସରକାର ସମସ୍ତ ପ୍ରକାର ଆବଶ୍ୟକତାକୁ ପୂରଣ କରୁଛନ୍ତି।

**- V/O -**

ମୁଖ୍ୟମନ୍ତ୍ରୀ କହିଛନ୍ତି, ଶିଳ୍ପ ସହ ଔଷଧ ଉତ୍ପାଦନରେ ମଧ୍ୟ ଓଡ଼ିଶାକୁ ଏକ ପ୍ରମୁଖ କେନ୍ଦ୍ର କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଗତ ଦେଢ଼ ବର୍ଷ ଭିତରେ ରାଜ୍ୟର ଶିଳ୍ପ କ୍ଷେତ୍ରରେ ବ୍ୟାପକ ବିବିଧିକରଣ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫାର୍ମାସ୍ୟୁଟିକାଲ ଏବଂ ମେଡିକାଲ ଡିଭାଇସ୍ ନୀତି-୨୦୨୫ର ଶୁଭାରମ୍ଭ କରିବା ସହ ଖୋର୍ଦ୍ଧାଠାରେ ଫାର୍ମା ପାର୍କ ଓ ମେଡିକାଲ ଡିଭାଇସ୍ ପାର୍କ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ସମ୍ମିଳନୀରେ ବିଭିନ୍ନ ଫାର୍ମା ଶିଳ୍ପ ସହ ୬ ହଜାର ୨୬୩ କୋଟି ଟଙ୍କାର ୪୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି; ଯାହାଦ୍ୱାରା ରାଜ୍ୟରେ ୩୮ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଫାର୍ମାସ୍ୟୁଟିକାଲ୍ସ ପାଇଁ

୩୨ଟି, ମେଡିକାଲ ଉପକରଣ ପାଇଁ ୧୨ଟି ଏବଂ ଲ୍ୟାଣ୍ଡମାର୍କ ଶିଳ୍ପପାର୍କ ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

GNR

## ମନରେଗା–ଜି ରାମ ଜି

ବିକଶିତ ଭାରତ ରୋଜଗାର ଏବଂ ଜୀବିକା ମିଶନ ପାଇଁ ଗ୍ୟାରେଣ୍ଟି ଅଭିଯାନ-**VB-G. RAM. G** -୨୦୨୫ ବିଲ୍‌କୁ ଆଜି କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ  ଲୋକସଭାରେ ଉପସ୍ଥାପିତ କରିଛନ୍ତି । ଏହି ବିଲ୍ ଗ୍ରାମୀଣ ପରିବାରକୁ ୧୨୫ ଦିନର ମଜୁରୀ ଆଧାରିତ ନିଯୁକ୍ତି ଗ୍ୟାରେଣ୍ଟି ପ୍ରଦାନ କରିବ । ସଶକ୍ତୀକରଣ, ବିକାଶ, ସମନ୍ୱୟ ଏବଂ ସମ୍ପୂର୍ଣ୍ଣତା ଉପରେ ବିଲ୍‌ରେ ଧ୍ୟାନ ଦିଆଯାଇଛି । ଗ୍ରାମ ପଞ୍ଚାୟତଗୁଡ଼ିକ ପ୍ରଧାନମନ୍ତ୍ରୀ ଗତିଶକ୍ତି ମାଧ୍ୟମରେ ଯୋଜନାଗୁଡ଼ିକର ସମନ୍ୱୟ ଏବଂ ସମ୍ପୂର୍ଣ୍ଣତା ଉପରେ ଆଧାରିତ ଏକ ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା ସୃଷ୍ଟି କରିବ ବୋଲି ଶ୍ରୀ ଚୌହ୍ୱାନ କହିଛନ୍ତି । ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଭାରତର ଦୃଷ୍ଟିକୋଣ ଅନୁରୂପ ଗ୍ରାମର ବିକାଶକୁ ସମର୍ଥନ କରିବ । ଏହାବ୍ୟତୀତ ବିଲ୍‌ରେ ଏକ ପ୍ରଯୁକ୍ତିବିଦ୍ୟା ସକ୍ଷମ ଢାଞ୍ଚା ଏବଂ ଆଇନଗତ ଓ ପ୍ରଶାସନିକ ବ୍ୟବସ୍ଥା ମାଧ୍ୟମରେ ଅଧିକ ସ୍ୱଚ୍ଛଳ ଓ ଉତ୍ତରଦାୟୀ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି । ପ୍ରସ୍ତାବିତ ବିଲ୍‌ରେ ସରକାର ୪ଟି ବିଷୟ ଉପରେ ଗୁରୁତ୍ୱ ଦେଇଛନ୍ତି । ସେଗୁଡ଼ିକ ହେଲା- ଜଳ ସଂରକ୍ଷଣ,  ମୌଳିକ ଗ୍ରାମୀଣ ଭିତ୍ତିଭୂମି, ଜୀବିକା ଏବଂ ବିପର୍ଯ୍ୟୟ ପ୍ରଶମନ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଛି ।

## ଏଲ୍‌ଏସ୍–ଲେପ୍ଟୱିଙ୍ଗ୍

ମାଓବାଦୀ ପ୍ରଭାବିତ ରାଜ୍ୟଗୁଡ଼ିକରେ ସୁରକ୍ଷାବାହିନୀଙ୍କ କାର୍ଯ୍ୟକଳାପ ଏବଂ ତାଲିମ୍ ଆବଶ୍ୟକତା ପାଇଁ ଗତ ୨୦୧୪-୧୫ ପରଠାରୁ ସରକାର ୩ ହଜାର ୫୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି ବୋଲି ଗୃହ ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି । ଲୋକସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସେ କହିଛନ୍ତି, ରାଜ୍ୟର ସ୍ୱତନ୍ତ୍ର ବାହିନୀ, ରାଜ୍ୟ ଗୁଇନ୍ଦା ସଂସ୍ଥା, ଜିଲ୍ଲା ପୁଲିସ୍ ବିଭାଗକୁ ସୁଦୃଢ଼ କରିବା ଏବଂ ସ୍ୱତନ୍ତ୍ର ଭିତ୍ତିଭୂମି ନିର୍ମାଣ ଯୋଜନା ଅଧୀନରେ ଥାନା ନିର୍ମାଣ ପାଇଁ ମାଓ ପ୍ରଭାବିତ ରାଜ୍ୟଗୁଡ଼ିକୁ ୧ ହଜାର ୭୫୭ କୋଟି ଟଙ୍କା ମଞ୍ଜୁର କରାଯାଇଛି । ୨୦୧୦ ତୁଳନାରେ ଦେଶରେ ବାମପନ୍ଥୀ କାର୍ଯ୍ୟକଳାପ ୮୯ ପ୍ରତିଶତ ହ୍ରାସ ପାଇଛି ।

ସେ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ୬୫୬ଟି ସୁଦୃଢ଼ ପୁଲିସ୍ ଷ୍ଟେସନ୍ ନିର୍ମାଣ କରାଯାଇଛି । ଗତ ୬ ବର୍ଷ ମଧ୍ୟରେ ଅତ୍ୟଧିକ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ନୂତନ ଭାବେ ୩୭୭ଟି ସୁରକ୍ଷା ସିବିର ପ୍ରତିଷ୍ଠା କରାଯାଇଛି ବୋଲି ସେ ଗୃହରେ ସୂଚନା ଦେଇଛି ।

Desk

## ବିଜୟ ସ୍ମୃତିଚାରଣ

୧୯୭୧ ମସିହା ଯୁଦ୍ଧରେ ପାକିସ୍ତାନ ଉପରେ ଭାରତ ବିଜୟର ସ୍ମୃତିଚାରଣ ଅବସରରେ ଆଜି ଦେଶବ୍ୟାପୀ ବିଜୟ ଦିବସ ପାଳନ କରାଯାଉଛି। ସେହି ବର୍ଷ ଡିସେମ୍ବର ୩ ତାରିଖରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଦୀର୍ଘ ୧୩ ଦିନ ଧରି ଚାଲିଥିଲା। ଡିସେମ୍ବର ୧୬ ତାରିଖରେ

ଭାରତ ଏହି ଯୁଦ୍ଧରେ ବିଜୟ ଲାଭ କରିଥିଲା। ପାକିସ୍ତାନ କବଳରୁ ପୂର୍ବ ପାକିସ୍ତାନ ମୁକ୍ତ ହୋଇ ସ୍ୱାଧୀନ ବାଂଲାଦେଶ ରାଷ୍ଟ୍ର ଗଠିତ ହୋଇଥିଲା। ଏହି ଅବସରରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ 'ପରମବୀର ଦୀର୍ଘା'ର ଉଦ୍‌ଘାଟନ କରିଛନ୍ତି। ଏହି ଦୀର୍ଘାରେ ଦେଶର ସର୍ବୋଚ୍ଚ ସାମରିକ ସମ୍ମାନ 'ପରମବୀର ଚକ୍ର'ରେ ସମ୍ମାନିତ ୨୧ ଜଣ ବୀର ଯବାନଙ୍କ ଛବି ପ୍ରଦର୍ଶିତ ହୋଇଛି।

Desk

## ଶିକ୍ଷା ଅଧିଷ୍ଠାନ ବିଲ୍

ଦେଶରେ ଶିକ୍ଷା କ୍ଷେତ୍ରରେ ଅନେକ ସଂସ୍କାର ଅଣାଯାଇଛି। ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍-୨୦୨୫ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ସ୍ୱାୟତ୍ତତା ପ୍ରଦାନ କରିବା ସହ ସଶକ୍ତ କରିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଲୋକସଭାରେ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ ଉପସ୍ଥାପନ କରିବା ପରେ ନୂଆଦିଲ୍ଲୀରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଭାବଶାଳୀ ସମନ୍ୱୟ ଏବଂ ମାନଦଣ୍ଡ ନିର୍ଦ୍ଧାରଣ ମାଧ୍ୟମରେ ଉତ୍କର୍ଷତା ହାସଲ ପାଇଁ ଦେଶର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ସଶକ୍ତ କରିବା ଏହି ବିଲ୍‌ରେ ମୁଖ୍ୟ ଉଦ୍ଦେଶ୍ୟ।

Desk

## ଧର୍ମେନ୍ଦ୍ର ପ୍ରଧାନ- କୃତ୍ରିମ ବୁଦ୍ଧିମତା

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁଗୁଲ୍ ପକ୍ଷରୁ ଆୟୋଜିତ ଏକ ସମ୍ମିଳନୀରେ ଯୋଗଦେଇ କୃତ୍ରିମ ବୁଦ୍ଧିମତା – ଏ.ଆଇ. କ୍ଷମତାକୁ ପ୍ରୋତ୍ସାହିତ କରିବା ସହ ଦେଶରେ ଏ.ଆଇ. ପ୍ରସ୍ତୁତ ପିଢ଼ି ସୃଷ୍ଟି କରିବା ତଥା ଏ.ଆଇ. ମାଧ୍ୟମରେ ଆଗାମୀ ପିଢ଼ିର ଛାତ୍ରଛାତ୍ରୀଙ୍କୁ ଦକ୍ଷ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହି ଅବସରରେ ଗୁଗୁଲ୍ ଇଣ୍ଡିଆର କଣ୍ଟ୍ରି ମ୍ୟାନେଜରଙ୍କ ସହ ବୈଠକରେ ଶ୍ରୀ ପ୍ରଧାନ ଡିଜିଟାଲ ବ୍ୟବଧାନକୁ ଦୂର କରିବା, ପ୍ରଯୁକ୍ତିର ଗଣତାନ୍ତ୍ରିକୀକରଣ, ଦେଶର ଦୂରଦୂରାନ୍ତ ଅଞ୍ଚଳରେ ଉନ୍ନତ ଶିକ୍ଷାକୁ ସୁଗମ କରିବା ପାଇଁ ପ୍ରଯୁକ୍ତିର ଉପଯୋଗ ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିଛନ୍ତି ।

Puri

## ଇଂରାଜୀ ନବବର୍ଷ-ପୁରୀ

ଇଂରାଜୀ ନବବର୍ଷ ଉପଲକ୍ଷେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଲକ୍ଷାଧିକ ଭକ୍ତଙ୍କ ପୁରୀରେ ସମାଗମ ହେବାର ସମ୍ଭାବନା ରହିଛି । ଭକ୍ତଙ୍କ ସୁରକ୍ଷା, ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ, ମନ୍ଦିରର ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥାର ସୁସମନ୍ୱୟ ଓ ପରିଚାଳନା ଉପରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଆଜି ଭୁବନେଶ୍ୱରଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ନବବର୍ଷ ପାଳନ ଅବସରରେ ପୁରୀରେ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଡିଜିପି ଶ୍ରୀ ଖୁରାନିଆ ପୁରୀ ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

DHNKL

# ତାଲିମ ଶିବିର

ଢେଙ୍କାନାଳ ଜିଲ୍ଲାର ସୁନ୍ଦରୀଖାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଜି ୩୭ତମ ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ୍ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଶିକ୍ଷା ଅଧିକାରୀ ତଥା ଜୁନିୟର ରେଡ୍‌କ୍ରସର ସଭାପତି ପରେଶ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ତିନିଦିନ ବ୍ୟାପୀ ହେବାକୁ ଥିବା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ ।

Desk

# ରାମ୍ପ ପ୍ରୋଗ୍ରାମ୍

ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ ଅଧୀନ ଷ୍ଟାର୍ଟ ଅପ୍ ଓଡ଼ିଶା ପକ୍ଷରୁ ଭୁବନେଶ୍ୱରଠାରେ ଗୋ ଟୁ ମାର୍କେଟ୍’ ଷ୍ଟ୍ରାଟେଜିର ଏକ ଦିନିକିଆ କର୍ମଶାଳା ଆୟୋଜିତ ହୋଇଯାଇଛି । କର୍ମଶାଳାରେ ବଜାରକୁ ନୂତନ ଉତ୍ପାଦ ଆସିବା ପୂର୍ବରୁ ଓ ପରେ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏମ୍.ଏସ୍.ଏମ୍.ଇ.’ର କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ତ୍ୱରାନ୍ୱିତକରଣ– ରାମ୍ପ’ ପ୍ରୋଗ୍ରାମ ଅଧୀନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

Desk

# ଚାଉଳ ଉଠାଣ

କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ସାଂସଦ ଓ ବିଧାୟକଙ୍କ ଏକ ପ୍ରତିନିଧି ଦଳ ଆଜି ନୂଆଦିଲ୍ଲୀଠାରେ କେନ୍ଦ୍ର ଖାଉଟି

ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଦଳ ରାଜ୍ୟର ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଷୁନା ଚାଉଳ ଉଠାଣ ପରିମାଣ ୨୦ ଲକ୍ଷ ମେଟ୍ରିକ ଟନ୍‌ରୁ ୨୫ ଲକ୍ଷ ମେଟ୍ରିକ ଟନ୍ ବୃଦ୍ଧି କରିବା ପାଇଁ ଅନୁରୋଧ କରିଛନ୍ତି।

I&PR

## ପ୍ରଶିକ୍ଷଣ ଶିବିର

ରାଜ୍ୟ ସଚିବାଳୟର ଚତୁର୍ଥ ବ୍ୟାଚ୍ ସହାୟକ ଉପବିଭାଗ ଅଧିକାରୀମାନଙ୍କ ପ୍ରଶିକ୍ଷଣ ଶେଷ ହୋଇଛି। ଏହି ଉପଲକ୍ଷେ ଅଶୋକନଗରସ୍ଥିତ ସଚିବାଳୟ ପ୍ରଶିକ୍ଷଣ ଅନୁଷ୍ଠାନରେ ହୋଇଥିବା ସମ୍ବର୍ଦ୍ଧନା ସଭା ମୁଖ୍ୟ ଅତିଥି ଭାବରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ  ସଚିବାଳୟ ସେବା ଅଧିକାରୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ।

Desk

## ଧନୁ ସଂକ୍ରାନ୍ତି

ଓଡ଼ିଆ ପରମ୍ପରା ଓ ଜଗନ୍ନାଥ ସଂସ୍କୃତି ଅନୁଯାୟୀ, ଆଜି ଧନୁସଂକ୍ରାନ୍ତି ପାଳନ କରାଯାଉଛି। ସୂର୍ଯ୍ୟ ଆଜି ବିଛା ରାଶିରୁ ଧନୁ ରାଶିରେ ପ୍ରବେଶ କରିଛନ୍ତି। **ପୁରୀ** ଶ୍ରୀମନ୍ଦିରରେ ଆଜି ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ମହାପ୍ରଭୁଙ୍କ ପହିଲିଭୋଗ ନୀତି ଆରମ୍ଭ ହୋଇଛି।

Nayagarh

## ଲଡୁବାବା-ଧନୁସଂକ୍ରାନ୍ତି

ନୟାଗଡ଼ ଜିଲ୍ଲା ଶରଣକୂଳର ପ୍ରସିଦ୍ଧ ଶୈବପୀଠ ଲଡୁବାବା ମନ୍ଦିରରେ ଧନୁସଂକ୍ରାନ୍ତି ଅବସରରେ ଆଜିଠାରୁ ପହିଲି ଭୋଗ ନୀତି ଆରମ୍ଭ ହୋଇଛି। ଏହି ନୀତି ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ପ୍ରାୟ ଏକ ମାସ ଧରି ଚାଲିବ। ଆଜି ଧନୁସଂକ୍ରାନ୍ତିରେ ପ୍ରଭୁ ଲଡୁବାବାଙ୍କ ନିକଟରେ ଧନୁ ମୁଆଁ ଲାଗି ହୋଇଥିଲା।

ପ୍ରଭୁ ନୀଳମାଧବଙ୍କର ଆଦ୍ୟ ପୂଜକ ଶବର ରାଜା ବିଶ୍ୱାବସୁଙ୍କ ଗଡ଼ କୁହାଯାଉଥିବା ଭାପୁର ବ୍ଲକର ଧାନଚେଙ୍ଗଡ଼ା ଗ୍ରାମର ଧାଙ୍ଗେଡ଼ି ପାହାଡ଼ ଚୂଡ଼ାରେ ଥିବା ଲଳିତ ମାଧବ ପୀଠରେ ଧନୁଯାତ୍ରା ଅନୁଷ୍ଠିତ ହୋଇଛି। ସେହିପରି ବିଶ୍ୱାବସୁଙ୍କ ବଂଶଧର କୁହାଯାଉଥିବା ଆଦିବାସୀ ଗ୍ରାମ କାଳିଆପଲ୍ଲୀରେ ପାରମ୍ପରିକ ପ୍ରଥା ଅନୁଯାୟୀ ଧନୁଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଶ୍ୱାବସୁଙ୍କ କନ୍ୟା ଲଳିତାଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧନୁସର ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ପୂଜା କରାଯିବା ପରେ ହୋମଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

Nabarangpur

## ସାଂସଦ ଖେଳ ମହୋତ୍ସବ

ନବରଙ୍ଗପୁର ଜିଲ୍ଲାର ବଡ଼ ମସି ଗାଁଠାରେ ଆଜି ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବକୁ ବିଧାୟକ ଗୌରୀଶଙ୍କର ମାଝୀ ଉଦ୍‌ଘାଟନ କରିଛନ୍ତି। ତିନିଦିନ ଧରି ହେବାକୁ ଥିବା ଏହି ଖେଳ ମହୋତ୍ସବରେ ବିଭିନ୍ନ ପ୍ରକାର କ୍ରୀଡ଼ା ଓ କୌତୁକ ପ୍ରତିଯୋଗିତା ଅନୁଷ୍ଠିତ ହେବ।

BHK

## ସାଂସଦ ଖେଳ ମହୋତ୍ସବ

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର ଅଟଳ ବିହାରୀ ହାଇସ୍କୁଲ ପଡ଼ିଆ ଏବଂ ଭଣ୍ଡାରୀପୋଖରୀ ବ୍ଲକର ଆଦମପୁର ମିନିଷ୍ଟାଡିୟମ୍‌ରେ ଚାଲିଥିବା ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ।

Nayagarh

## ନେଟ୍‌ବଲ୍ ପ୍ରତିଯୋଗିତା

ନୟାଗଡ଼ ଜିଲ୍ଲା ରଣପୁର ପିଏମ୍‌ଶ୍ରୀ ବ୍ରଜେନ୍ଦ୍ର ଚନ୍ଦ୍ର ଉଚ୍ଚବିଦ୍ୟାଳୟ ପରିସରରେ ଆଜି ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ ନେଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ୧୫ଟି ଜିଲ୍ଲାରେ ୧୭ ବର୍ଷ ବୟସରୁ କମ୍ ୨୪୩ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ବାଚସ୍ପତି ସୁରମା ପାଢ଼ି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।